# କଟକ ସିଟି



## ରୌପ୍ୟନଗରୀରେ 'ପଖାଳ ଦିବସ'

# ଭାଇଚାରା କଂସାରେ କଟକୀ ଛୁଙ୍କ

- ହୋଟେଲ୍, ସାମାଜିକ ଅନୁଷ୍ଠାନ ଓ କ୍ଲବ୍‌ରେ ଦହି-ପଖାଳ
- ରାଜନୈତିକ ସଂଗଠନ ସାମିଲ

"ପଖାଳ ଦିବସ ଓଡ଼ିଶାର ଏକ ଲୋକପ୍ରିୟ ପାରମ୍ପରିକ ପର୍ବ, ଯାହା ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖରେ ପାଳନ କରାଯାଏ। ଏହି ଦିନଟିର ମୁଖ୍ୟ ଉଦ୍ଦେଶ୍ୟ ହେଲା ଓଡ଼ିଆଙ୍କର ପ୍ରିୟ ଖାଦ୍ୟ 'ପଖାଳ ଭାତ' କୁ ସମ୍ମାନ ଦେବା ଏବଂ ଏହାର ସାମ୍ପ୍ରଦାୟିକ ମୂଲ୍ୟକୁ ପ୍ରଚାର ଓ ପ୍ରସାର କରିବା। ଗରମ ଦିନରେ ପଖାଳ ଶରୀରକୁ ଥଣ୍ଡା ରଖିବା ସହିତ ସ୍ୱାସ୍ଥ୍ୟକର ମଧ୍ୟ ଅଟେ, ଯାହା ଓଡ଼ିଶାର ଜୀବନଶୈଳୀର ଅଂଶ ହିସାବରେ ପରିଚିତ। ଏହି ଦିବସରେ ଲୋକମାନେ ପଖାଳ ସହିତ ବଡ଼ି ଚୁରା, ଆଳୁ ଭର୍ତ୍ତା, ଶାଗ ଭଜା, ମାଛ ଭଜା ଇତ୍ୟାଦି ଖାଦ୍ୟର ସ୍ୱାଦ ଉପଭୋଗ କରନ୍ତି। ଏହା କେବଳ ଖାଦ୍ୟର ପର୍ବ ନୁହେଁ, ବରଂ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଏକତାର ପ୍ରତୀକ। ଆଜି ରୌପ୍ୟନଗରୀରେ ଭାଇଚାରାର କଂସାରେ କଟକୀ ଛୁଙ୍କ ଦିଆଯାଇ ପଖାଳ ବଢ଼ାଯାଇଥିଲା। ଯାହା ଥିଲା ତୃପ୍ତି ଓ ଶାନ୍ତି'ର ମନଛୁଆଁ କୋଲାବ୍..."













**କଟକ, ୨୦।୩(ସମିସ)**

ରୌପ୍ୟନଗରୀରେ ଧୂମଧାମ୍‌ରେ ପାଳିତ ହୋଇଛି ବିଶ୍ୱ ପଖାଳ ଦିବସ। ଭାଇଚାରା'ର କଂସାରେ କଟକୀ ଛୁଙ୍କ ପ୍ରତି ଓଡ଼ିଆଙ୍କୁ ତୃପ୍ତି ଦେଇଛି। ମର୍କତନଗରରୁ ମହାନଦୀବିହାର, ଚାରି ଆଡ଼େ ମହ ମହ ହୋଇଛି ପଖାଳର ସ୍ୱତନ୍ତ୍ର ମହକ। କେବଳ ହୋଟେଲ ନୁହେଁ ପ୍ରତି କଟକିଆଙ୍କ ଘରେ ଆଜି ଜମିଛି ଦହି-ପଖାଳର ସ୍ୱତନ୍ତ୍ର ଆସର। ପ୍ରତିବର୍ଷ ମାର୍ଚ୍ଚ ମାସ ୨୦ ତାରିଖକୁ 'ବିଶ୍ୱ ପଖାଳ ଦିବସ' ଭାବେ ପାଳନ କରାଯାଇଥିବା ବେଳେ କଟକରେ ଏହାକୁ ନିଆରା ଢଙ୍ଗରେ ପାଳନ କରାଯାଏ। ଏହି ଦିନଟିକୁ ଏକ ଉତ୍ସବ ଭଳି ପାଳନ କରିଥାନ୍ତି କଟକିଆ। ବିଶେଷ କରି ଐତିହ୍ୟ ପରମ୍ପରାର ସହର କଟକରେ ଥିବା ସମସ୍ତ ହୋଟେଲ ଓ ବିଭିନ୍ନ ଅନୁଷ୍ଠାନରେ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ପଖାଳ ସହିତ ଆମିଷ ବ୍ୟଞ୍ଜନ ଚାହିଦା ଅଧିକ ରହିଥିଲା। ଆଜିର ଦିବସରେ ଦହି, ପୋଦିନା ପତ୍ର, ଭୃସଙ୍ଗ ପତ୍ର, ଅଦା, ଲଙ୍କା ଆଦିକୁ ଛୁଙ୍କ ଦିଆଯାଇ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିଲା ଦହି ପଖାଳ। ଆଉ ତା ସାଙ୍ଗକୁ କଂସା ଓ ପ୍ଲେଟରେ ସ୍ୱତନ୍ତ୍ର ଭାବେ ପରସା ଯାଇଥିଲା ଏହି ପାରମ୍ପରିକ ଖାଦ୍ୟ। ଯେମିତିକି ବଡ଼ି ଚୁରା, ଆଳୁ ଭର୍ତ୍ତା, ଭଜା, କଲରା ଚିପ୍ସ, ବିଲାତି ଖଟା, ମାଛ ଭଜା, ଚିକେନ୍, ଚିଙ୍ଗୁଡ଼ି ଭଳି ଅନେକ ସୁସ୍ୱାଦୁ ଖାଦ୍ୟ ପରସା ଯାଇଥିଲା। କେବଳ ହୋଟେଲରେ ନୁହେଁ, ଘରେ ଘରେ ମଧ୍ୟ ଏହି ଦିବସ ପାଳନ କରିଛନ୍ତି କଟକବାସୀ। ସତରେ, ପଖାଳ ଖାଇଲେ ପ୍ରତି ଓଡ଼ିଆଙ୍କ ମନ ଓ ପ୍ରାଣ ଭରିଯାଏ। ଛୋଟରୁ ବୁଢା ପର୍ଯ୍ୟନ୍ତ ପଖାଳ ଖାଇବାକୁ ଭଲ ପାଆନ୍ତି। ଖରା, ଶୀତ କି ବର୍ଷା ହେଉ ପଖାଳ ସବୁ ଓଡ଼ିଆ ମନରେ ଦୁର୍ବଳତା ହୋଇ ରହିଛି। ଗୁଣ୍ଡାଏ ପଖାଳ ସାଙ୍ଗକୁ କଂସାଏ ତୋରାଣିରେ କାହିଁ କେତେ ଶାନ୍ତି ମିଳେ, ତାହା ଜଣେ ଓଡ଼ିଆ ହିଁ ଅନୁଭବ କରିପାରିବ। ଗ୍ରୀଷ୍ମଋତୁକୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରାଯାଏ। ଓଡ଼ିଆ ଜାତିର ସ୍ୱତନ୍ତ୍ର ପର୍ବ ଭାବେ ପଖାଳ ଦିବସ ପରିଚିତ ଲାଭ କରିଛି। ପଖାଳ ସାଧାରଣତଃ ବିଭିନ୍ନ ପ୍ରକାରର ଖାଇବାକୁ ମିଳେ। ଏହାର ଚାହିଦା ଦେଖି ଭିନ୍ନ ଭିନ୍ନ ସ୍ୱାଦର ପଖାଳ ବିକ୍ରି ମଧ୍ୟ କରାଯାଉଛି। ତେବେ ଓଡ଼ିଆମାନେ ଦହି ପଖାଳ, ସଜ ପଖାଳ, ବାସି ପଖାଳ ଏମିତି ଅନେକ ରୂପରେ ପଖାଳକୁ ପସନ୍ଦ କରନ୍ତି। ପଖାଳ ସାଙ୍ଗକୁ ଅଧିକ ବଡ଼ି ଚୁରା, ଆଳୁ ଚଟଣୀ, ଶାଗ ଭଜା ଆଉ ତା'ସହ ମାଛଭଜା ଖାଇବା ପଖାଳ ସ୍ୱାଦକୁ ଦ୍ୱିଗୁଣ କରେ। ପଖାଳ ପ୍ରତି ଲୋକଙ୍କ ରୁଚିକୁ ଦେଖି ହୋଟେଲ ମାନଙ୍କରେ ମଧ୍ୟ ସ୍ୱତନ୍ତ୍ର ପଖାଳ ପ୍ରସ୍ତୁତି ଦେଖିବାକୁ ମିଳୁଛି। ଯାହା ଉଚ୍ଚ ଦରରେ ମଧ୍ୟ ବିକ୍ରି କରାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି, ଆମ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରିୟ ଖାଦ୍ୟ ହେଉଛି ପଖାଳ। ଶ୍ରୀମନ୍ଦିରର 'ଟଙ୍କ ତୋରାଣି'ଏହାର ପ୍ରମାଣ ଦିଏ। ଲକ୍ଷ ଲକ୍ଷ ଭକ୍ତଙ୍କ ଶୋଷ ମେଣ୍ଟାଇ ଥାଏ। ଏହା ଖୁବ ସ୍ୱାଦଯୁକ୍ତ। ଖରାଦିନେ ପଖାଳ କଂସାରେ ହିଁ ଓଡ଼ିଆଙ୍କୁ ଶାନ୍ତି ମିଳେ। ଓଡ଼ିଶା ପଖାଳର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଯେତେ ଅନ୍ୟ ଖାଦ୍ୟ ଖାଇଲେ ମଧ୍ୟ ପଖାଳ ଟିକେ ଖାଇଦେଲେ ଆତ୍ମତୃପ୍ତି ମିଳେ।



## ମେୟର ପାଳିଲେ ପଖାଳ ଦିବସ

'ପଖାଳ' ଦିବସ ଉପଲକ୍ଷେ କଟକ ମେୟର ସୁବାସ ସିଂହ ନିଜ ସରକାରୀ ଆବାସଠାରେ 'ପଖାଳ ଦିବସ' ପାଳନ କରିଥିଲେ। ପାରମ୍ପରିକ ଖାଦ୍ୟ 'ପଖାଳ' ଆଜି ଦିନରେ ସବୁ ମହଲରେ ଆଦୃତ। ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ବିଚାର କଲେ ଓଡ଼ିଶାର ଏହି ପାରମ୍ପରିକ ଖାଦ୍ୟ କୋଟି କୋଟି ଓଡିଆଙ୍କ ସବୁଠାରୁ ବେଶୀ ପ୍ରିୟ ଖାଦ୍ୟ ଭାବେ ପରିଚିତ। ଓଡ଼ଶା ରେ ଧନୀ ଗରିବ ସବୁ ବର୍ଗର ଲୋକ ମାନଙ୍କର ଏହା ପ୍ରିୟ ଖାଦ୍ୟ, ଏହି ଦିବସକୁ ବ୍ୟାପକ ରୂପରେଖ ଦେବା ଓ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପଖାଳର ଆଦୃତି ବଢ଼ାଇବା ପାଇଁ କଟକ ମେୟରଙ୍କ ଏହା ଥିଲା ଏକ ଛୋଟ ନିଆରା ପ୍ରୟାସ। ଏହି ଅବସରରେ ମେୟର ଶ୍ରୀ ସିଂଙ୍କ ସହିତ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ବିଶିଷ୍ଟ ସାହିତ୍ୟିକ ବିଜୟାନନ୍ଦ ସିଂ, ଡଃ ସତ୍ୟ ରାୟ, ପ୍ରଭାସ ଆଚାର୍ଯ୍ୟ, ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା, ଆଶିଷ ବାରିକ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ଭିକାରି ଦାସ, ମହାନଗର ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସିହ୍ନା, ଜ୍ୟୋତି ଘୋଷ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ କୁମାର ସାହୁ, ପୂର୍ବାଞ୍ଚଳ ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ, ୨୫ ଭାଗ ସର୍ବାଧିକାରୀ ସୁରେଶ କୁମାର ସାହୁ, କଂଗ୍ରେସ ର ବରିଷ୍ଠ ନେତା ସୁରେଶ ମହାପାତ୍ର, ବିଶ୍ୱଜିତ ମହାନ୍ତି, ସିପିଆଇ ନେତୃତ୍ୱ ବିଜୟ ପଢ଼ିହାରୀ, କିଶୋର କୁମାର ଜେନା, ଅମରେନ୍ଦ୍ର ମହାନ୍ତି, ବିଜେପି ନେତୃବୃନ୍ଦ ନୟନ ମହାନ୍ତି, ସ୍ମୃତି ପଟ୍ଟନାୟକ, ଲଲାଟେନ୍ଦୁ ବଡୁ, ବିଜେଡି ନେତୃତ୍ୱ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, ମଧୁସୁଦନ ସାହୁ, ଡେପୁଟି ମେୟର ଦମୟନ୍ତୀ ମାଝୀ, ପ୍ରଫୁଲ ବେହେରା, ପ୍ରଦୀପ୍ତ ଖୁଣ୍ଟିଆ ଏବଂ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, କର୍ମୀ ଓ ସମାଜସେବୀ ଯୋଗ ଦେଇଥିଲେ।




## ଜିଲ୍ଲା ପ୍ରଶାସନ ପକ୍ଷରୁ ପଖାଳ ପରବ

ରାଜ୍ୟ ସରକାରଙ୍କ ପକ୍ଷରୁ ପାଳନ କରାଯାଇଛି 'ପଖାଳ ପରବ'। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟରେ ମାର୍ଚ୍ଚ ୨୦ ତାରିଖକୁ ପଖାଳ ଦିବସ ଭାବେ ପାଳନ କରାଯାଉଥିବା ବେଳେ କଟକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲ୍ ଠାରେ ଜିଲ୍ଲାସ୍ତରୀୟ 'ପଖାଳ ପରବ' ପାଳନ କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ, ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପନିର୍ଦ୍ଦେଶକ ଜିଲ୍ଲା ପର୍ଯ୍ୟଟନ ବିଭାଗ ସୁଜାତା ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ଜିଲ୍ଲାର ବହୁ ଅଧିକାରୀ, କର୍ମଚାରୀ ଓ ଜିଲ୍ଲାର ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷ ଯୋଗ ଦେଇ ରାଜ୍ୟସ୍ତରୀୟ ପଖାଳ ପରବର ସିଧା ପ୍ରସାରଣ ଦେଖିଥିଲେ।

## ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ



ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ କୁନି କୁନି ପିଲାଙ୍କ ସହ ନିଆରା ଢଙ୍ଗରେ ପଖାଳ ଦିବସ ପାଳିତ ହୋଇଯାଇଛି। ବିଜୁ ପଟ୍ଟନାୟକ ଛକ ସ୍ଥିତ ପ୍ରିଷ୍ଟେନ୍ ପାରାଡାଇଜ୍ ମଣ୍ଡପ ଠାରେ ଏହାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ସ୍ୱର୍ଗତ ଡି ପ୍ରକାଶ ରାଓଙ୍କ ଆଶା ଆଶ୍ୱାସନା ବିଦ୍ୟାଳୟର ୯୦ ଜଣ କୁନି କୁନି ବିଦ୍ୟାର୍ଥୀ ଯୋଗ ଦେଇ ପଖାଳର ମଜା ନେଇଥିଲେ। କୁନି କୁନି ପିଲାଙ୍କ ମୁହଁରେ ହସ ଦେବାର ଏହା ଏକ ପ୍ରାୟାସ। କାର୍ଯ୍ୟକ୍ରମରେ ଅତିଥି ଭାବେ ଅଭିନେତା କୁନା ତ୍ରିପାଠୀ, କର୍ପୋରେଟର ଗଗନ ଓଝା, ଶୈଳେଶ ଦାସ, ମହମ୍ମଦ ପଟେଲ ଇଯାଜ୍, କମେଡିଆନ କ୍ରିଷ୍ଣା କର, ମହାପ୍ରସାଦ କର ଓ ଟିମ୍ ଯୋଗ ଦେଇଥିଲେ। ୪୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କ ଖାଦ୍ୟ ଆୟୋଜନ ହୋଇଥିଲା। ଦହି ପଖାଳ, ସଜ ପଖାଳ, ଶାଗ ଭଜା, ବଡି ବାଦାନ ଚୁରା, ସଜନା ଛୁଇଁ ବେସର, ବାଇଗଣ ଭର୍ତ୍ତା, ଟମୋଟୋ ଚଟଣୀ, ଆଳୁ ଭର୍ତ୍ତା, କଖାରୁ ଫୁଲ, ଛଙ୍କା ଭଜା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ଶଶାଙ୍କ ଶେଖର ଦାଶ, ସୁପ୍ରଭା ସ୍ୱାଇଁ, ହରମୋହନ ନାୟକ ପରିଚାଳନା କରିଥିଲେ। ଓଡ଼ିଆ ମାଟିର ଖାଦ୍ୟ ପଖାଳକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳୁ ବୋଲି ସଭାପତି ମନୋଜ ପଣ୍ଡା ମତ ରଖିଛନ୍ତି।

## ସ୍ୱପ୍ନ ଫାଉଣ୍ଡେସନ




ସ୍ୱପ୍ନ ଫାଉଣ୍ଡେସନ ପରିବାରରେ ପଖାଳ ଦିବସ ପାଳିତ ହୋଇଯାଇଛି। ପ୍ରଭୁ ଜଗନ୍ନାଥଙ୍କ ପ୍ରିୟ ପଖାଳ ଆଜି ସମଗ୍ର ବିଶ୍ୱରେ ଆଦୃତ ଲାଭ କରିଛି। ଯାହା ଜଣେ ଓଡିଆ ହିସାବରେ ଆଗେ ଗର୍ବ କରିବା ଉଚିତ ବୋଲି ସ୍ୱପ୍ନ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସଭାପତି ସୁଧାଂଶୁ ପାତ୍ର କହିଛନ୍ତି। ୪୨ନଂ ୱାର୍ଡ ଚାଉଳିଆଗଞ୍ଜ ସ୍ଥିତ ଶ୍ରଦ୍ଧାଗାର୍ଡେନ ପରିସରରେ ନିଆରା ଢଙ୍ଗରେ ପଖାଳ ଦିବସ ପାଳିତ ହୋଇଥିଲା। ଏଥିରେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା, କପୋରେଟର, ସାମ୍ବାଦିକ ଓ ସ୍ୱପ୍ନ ଫାଉଣ୍ଡେସନକୁ ଭଲ ପାଉଥିବା ଲୋକେ ସମେବେତ ହୋଇ ଦହି ପଖାଳ ସହିତ ମାଛଭଜା, ବଡିଚୁରା, ବାଇଗଣ ଆଳୁ ଭର୍ତ୍ତା ସହ ସଜନା ଛୁଇଁର ମସଲା ଭଜା ଖାଇଥିଲେ। ପଖାଳକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ପାଇଁ ଆମର ଉଦ୍ୟମ ସଦା ସର୍ବଦା ଜାରି ରହିବା ଦରକାର ବୋଲି ସ୍ୱପ୍ନ ଫାଉଣ୍ଡେସନର ସମସ୍ତ ବରିଷ୍ଠ ମେମ୍ବରଙ୍କ ସହ ବହୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କଂଗ୍ରେସ କାର୍ଯ୍ୟାଳୟ

ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରେ ପଖାଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ କଂଗ୍ରେସ୍ ନେତା ତଥା ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ମାନସ ଚୌଧୁରୀଙ୍କ ଆବାହକତ୍ୱରେ ଏକ ବନ୍ଧୁ ମିଳନ ର ଆୟୋଜନ କରାଯାଇଥିଲା। କଟକ ସହରର ପ୍ରାୟ ଚାରିଶହ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ନେଇ ଏହି ସାମୂହିକ ପଖାଳ ଭୋଜନ ହୋଇଥିଲା। ଜଗନ୍ନାଥ ସଂସ୍କୃତିରେ ମଧ୍ୟ ପ୍ରଭୁ ଜଗନ୍ନାଥ ପଖାଳ ଖାଇଥାନ୍ତି। ଗ୍ରୀଷ୍ମ ପ୍ରବାହରେ ପଖାଳ ଖାଇଲେ ଦେହ ଓ ମନ ଥଣ୍ଡା ରହେ। ଆଉ ଥଣ୍ଡା ମନରେ ଯେଉଁ କାର୍ଯ୍ୟ କରାଯାଏ ସେ କାର୍ଯ୍ୟ ସଫଳ ହୁଏ। ତେଣୁ ଓଡିଆ ଖାଦ୍ୟ ପରମ୍ପରା ଅନୁଯାୟୀ ସମସ୍ତେ ଏ ଗ୍ରୀଷ୍ମ ପ୍ରବାହରେ ନିଶ୍ଚିତ ପଖାଳ ଖାଇବାକୁ ଆହ୍ୱାନ ଦିଆଯାଇଥିଲା। ସମସ୍ତ କଂଗ୍ରେସ କର୍ମୀ ଯୋଗଦେଇ କଟକ ସହରରେ କଂଗ୍ରେସ ଏକାଠି ରହିଛି ବୋଲି ଏକ ବାର୍ତ୍ତା ଦେଇଥିଲେ। କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ, କଂଗ୍ରେସ ନେତା ବିଭୂତି ମିଶ୍ର, ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ଡ୍ରିମ୍‌ସ

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ 'ସ୍କୁଲ ଅଫ ହୋଟେଲ ମ୍ୟାନେଜେମେଣ୍ଟ' ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଲେ ଓଡିଆ ସଂସ୍କୃତି, ପରମ୍ପରା ଓ ଜୀବନଧାରାରେ ପଖାଳର ବିଶେଷ ଗୁରୁତ୍ୱ ରହିଛି। ଧନୀଗରିବ, ସବୁବର୍ଗର ଲୋକଙ୍କ ଦ୍ୱାରା ଆଦୃତ ଏହି ସ୍ୱାସ୍ଥ୍ୟପ୍ରଦ ଆହାର ଆଜି ବିଶ୍ୱବ୍ୟାପୀ ମାନ୍ୟତା ପାଇବା ଅତ୍ୟନ୍ତ ଗୌରବର ବିଷୟ। ଏହି ଅବସରରେ ଡ. ରଥ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ଉତ୍ସବ ଆୟୋଜନ ନିମନ୍ତେ ଅଭିନନ୍ଦନ ଜଣାଇଥିଲେ।




କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଡେପୁଟୀ ରେଜିଷ୍ଟ୍ରାର ଶିଶିର ସାହୁ ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର 'ଡିନ୍' ବିକାଶ କୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଆୟୁଷ ଜେନା, ଉତ୍କଳକେଶରୀ ଜେନା, ସ୍ମୃତି ରଞ୍ଜନ ସେନାପତି, ମହମ୍ମଦ ସର୍ଫଜ କ୍ୱାଦ୍ରୀ, ଜ୍ୟୋତି ରଞ୍ଜନ ମହାପାତ୍ର, ଶ୍ରଦ୍ଧା ମହାପାତ୍ର, ସଂଘମିତ୍ରା ଦାଶ, ଖଗେଶ୍ୱର ସାହୁ, ଲକ୍ଷ୍ମୀକାନ୍ତ ସେଠୀ ପରିଚାଳନା କରିଥିଲେ।

## ଇଦ୍ ପାଇଁ ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**କଟକ, ୨୦।୩(ସମିସ):** ଇଦପର୍ବ ପାଇଁ କଟକ କମିସନରେଟ ପୁଲିସ ପକ୍ଷରୁ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏଥିପାଇଁ ରାତିରୁ ସହରରେ ମୋଟ ୧୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏହାସହ ୧୨୩ କନଷ୍ଟେବଲ, ୪ ଜଣ ହାବିଲଦାର, ୫୦ ଜଣ ଏଏସଆଇ, ୨୩ ଏସଆଇ, ୯ ଜଣ ଏସିପିଙ୍କ ସହିତ ୩ଜଣ ଅତିରିକ୍ତ ଡିସିପି ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ କରାଯାଇଛି। ଏହାବାଦ ୪ ପ୍ରମୁଖ ମସଜିଦରେ ଅଧିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେଠାରେ ୧୪ ଜଣ ଏସଆଇ, ୨ ଜଣ ହାବିଲଦାର, ୩୨ କନଷ୍ଟେବଲ, ୫ ସେକ୍ସନ ଫୋର୍ସ ମୁତୟନ କରାଯାଇଛି। ସେହିପରି ପାଟ୍ରୋଲିଂ ପାଇଁ ଆର୍ମଡ ଫୋର୍ସରେ ୨୬ ଜଣ ଏସଆଇ, ୨ ଜଣ ହାବିଲଦାର, ୭୫ କନଷ୍ଟେବଲ, ୫ ସେକ୍ସନ ଫୋର୍ସ ରହିଛନ୍ତି। ଏଥିରେ ୭ ଜଣ ମହିଳା କନଷ୍ଟେବଲ ମଧ୍ୟ ଅଛନ୍ତି। ସେହିପରି ବିଭିନ୍ନ ମସଜିଦରେ ନମାଜ ପାଠ ସମୟରେ ଗହଳିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ଏ ନେଇ ଗୁରୁବାର ଡିସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ସୁରକ୍ଷା ଏବଂ ଟ୍ରାଫିକ ବ୍ୟବସ୍ଥାକୁ ନେଇ ସମୀକ୍ଷା କରାଯାଇଥିଲା। ସମସ୍ତ ପ୍ରକାର ଅପ୍ରିତିକର ପରିସ୍ଥିତିକୁ ଏଡାଇବା ଲାଗି ଆଜି ରାତି ୧୦ଟାରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ଲାଗି ଡିସିପି ଋଷିକେଶ ଖିଲାରୀ ସମସ୍ତ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି।

### ପୁଲିସର ଫ୍ଲାଗମାର୍ଚ୍ଚ

ଇଦ୍ ପାଳନ ବେଳେ ଯେପରି କୌଣସି ଦୁର୍ବୃତ୍ତ ଅପରାଧ ଘଟାଇବାକୁ ଚେଷ୍ଟା ନ କରିବେ ସେଥିପାଇଁ ସେମାନଙ୍କ ମନରେ ଭୟ ସୃଷ୍ଟି କରିବା ଲାଗି ପୁଲିସ ପକ୍ଷରୁ ସନ୍ଧ୍ୟାରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଲାଲବାଗ, ବିଡ଼ାନାସୀ, କ୍ୟାଣ୍ଟନମେଣ୍ଟ, ମାଲଗୋଦାମ, ଦରଘାବଜାର ଥାନା ପକ୍ଷରୁ ଆଜି ସେମାନଙ୍କ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଜୋନ୍ ଏସିପି ଓ ଥାନା ଅଧିକାରୀଙ୍କ ନେତୃତ୍ୱରେ ଶତାଧିକ ଫୋର୍ସ ଅଂଶଗ୍ରହଣ କରିଥିଲେ।

ଶିକ୍ଷା ବ୍ୟବସ୍ଥାରେ 'ଡେପୁଟେସନ୍' ରାଜନୀତି

# କିରାଣି ଗଲେ ଜିଲ୍ଲା ଅଫିସ, ପ୍ରଧାନଶିକ୍ଷକ ପଦ ଖାଲି

ନିଶ୍ଚିନ୍ତକୋଇଲି, ୨୦।୩(ସମିସ)




- ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ
- ବାପୁଜୀ ସରକାରୀ ଉଚ୍ଚବିଦ୍ୟାଳୟରେ ପରିଚାଳନାଗତ ସଙ୍କଟ
- ୨୧୭ ପିଲାଙ୍କ ଭବିଷ୍ୟତ ଅନ୍ଧାରରେ
- ଜିଲ୍ଲା ଶିକ୍ଷାଧିକାରୀଙ୍କ ନିରବତାକୁ ନେଇ ଉଠିଲା ପ୍ରଶ୍ନ

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ପାଟପୁର ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏବେ ପ୍ରଶାସନିକ ଅବହେଳାର ଜ୍ୱଳନ୍ତ ଉଦାହରଣ ପାଲଟିଛି। ବିଦ୍ୟାଳୟରେ ଶିକ୍ଷାଦାନ ଓ ପରିଚାଳନା କ୍ଷେତ୍ରରେ ଦେଖାଦେଇଥିବା ଘୋର ଅଭାବ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ବିଶେଷ କରି ବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା କାର୍ଯ୍ୟାଳୟ ସହକାରୀ (କିରାଣି)ଙ୍କୁ କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଡେପୁଟେସନରେ ପଠାଯିବା ଘଟଣା ଏବେ ଶିକ୍ଷା ବିଭାଗର 'ଡେପୁଟେସନ ରାଜନୀତି'କୁ ପଦାରେ ପକାଇଛି। ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୧୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଦୀର୍ଘ ଦିନ ହେବ ପ୍ରଧାନଶିକ୍ଷକ ପଦ ଖାଲି ପଡ଼ିଛି। ଏହା ସହିତ କଳା ଶିକ୍ଷକ ଏବଂ ଏଲିମେଣ୍ଟାରୀ ଶିକ୍ଷକ ପଦ ମଧ୍ୟ ପୂରଣ ହୋଇପାରି ନାହିଁ। ଅନ୍ୟ ଜଣେ ଶିକ୍ଷକ ନିଲମ୍ବିତ ହୋଇ ରହିଥିବାରୁ ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନ ଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ଏଭଳି ଦୟନୀୟ ପରିସ୍ଥିତି ପାଇଁ ଗ୍ରାମବାସୀ ଓ ଅଭିଭାବକ ମହଲରେ ଶାସନ ଏବଂ ପ୍ରଶାସନ ପ୍ରତି କ୍ଷୋଭ ବଢ଼ିବାରେ ଲାଗିଛି। ବିଦ୍ୟାଳୟରେ କିରାଣି ପଦ ଖାଲି ଥିବାରୁ ବହୁ ଅନୁରୋଧ କ୍ରମେ ଗତ ବର୍ଷ ଦୀପ୍ତିରଞ୍ଜନ ମଲ୍ଲଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିଲା। ସେ ବାପୁଜୀ ସ୍କୁଲ ସହିତ ନିକଟସ୍ଥ ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ଦାୟିତ୍ୱ ମଧ୍ୟ ସୁଚାରୁ ରୂପେ ତୁଲାଉଥିଲେ। ମାତ୍ର କଟକ ଶିକ୍ଷା ଜିଲ୍ଲାରେ ଶହ ଶହ ଅଭିଜ୍ଞ କିରାଣି ଥାଉ ଥାଉ, ନୂତନ ଭାବେ ନିଯୁକ୍ତି ପାଇଥିବା ଶ୍ରୀ ମଲ୍ଲଙ୍କୁ କେଉଁ ସ୍ୱାର୍ଥରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଡେପୁଟେସନରେ ନିଆଗଲା, ତାହା ଏବେ ଏକ ବଡ଼ ରହସ୍ୟ। ପ୍ରଥମେ ୪ ଦିନ ଓ ପରେ ସମ୍ପୂର୍ଣ୍ଣ ୬ ଦିନ ପାଇଁ ତାଙ୍କୁ ଜିଲ୍ଲା ଅଫିସରେ ନିୟୋଜିତ କରାଯିବା ଫଳରେ ବିଦ୍ୟାଳୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯଥା ଫର୍ମ ଫିଲଅପ, ଆଡମିସନ, ଟିସି ପ୍ରଦାନ ଏବଂ କ୍ୟାସ୍ ବୁକ୍ ପରିଚାଳନା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଆସନ୍ତା ଏପ୍ରିଲ ୨ ତାରିଖରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଥିବା ବେଳେ ଏହି ଅଘୋଷିତ ସଙ୍କଟ ବିଦ୍ୟାଳୟ ପାଇଁ କାଳ ସାଜିଛି। କିରାଣୀ ନ ଥିବାରୁ ନୂତନ ନାମଲେଖା ଏବଂ ୟୁଡାଇସ୍ ଭଳି କାମ କିପରି ହେବ, ସେ ନେଇ ଶିକ୍ଷକ ଓ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ଏହି ଘଟଣାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଓ ପୁରାତନ ଛାତ୍ର ସଂସଦ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଛି। ଯଦି ତୁରନ୍ତ ସମ୍ପୃକ୍ତ କିରାଣିଙ୍କ ଡେପୁଟେସନ ବାତିଲ କରା ନ ଯାଏ ଏବଂ ଖାଲି ପଡ଼ିଥିବା ଶିକ୍ଷକ ପଦ ପୂରଣ କରା ନ ଯାଏ, ତେବେ ଆଗାମୀ ଦିନରେ ଅଭିଭାବକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ନିଆଁରେ ପୋଡ଼ି ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର



ବାପ ଘର ଲୋକ ଆଣିଲେ ହତ୍ୟା ଅଭିଯୋଗ

ନିଶ୍ଚିନ୍ତକୋଇଲି, ୨୦।୩(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ତଥା ନେମାଳ ଥାନା ଅଧୀନ କଳମିଶ୍ରି ପଞ୍ଚାୟତ ଲେଣ୍ଡୁରା ଭଗବାନପୁର ଗ୍ରାମର ଉମାଶଙ୍କର ସିଂଙ୍କ ପତ୍ନୀ ହରପ୍ରିୟା ରାୟ (୨୮) ନିଆଁରେ ପୋଡି ଗୁରୁତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ତାଙ୍କୁ ଉଦ୍ଧାର କରିବାକୁ ଯାଇ ତାଙ୍କ ସ୍ୱାମୀ ଗୁରୁତର ହୋଇ ଏବେ ଚିକିତ୍ସାଧୀନ ଅଛନ୍ତି। ଅପରପକ୍ଷରେ ହରପ୍ରିୟାଙ୍କ ମୃତ୍ୟୁ ହେବା ପରେ ତାଙ୍କ ବାପଘର ପକ୍ଷରୁ ଯୌତୁକ ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ଭାଇ ମନୋରଞ୍ଜନ ରାୟ ନେମାଳ ଥାନାରେ ଅଭିଯୋଗ କରିଛନ୍ତି। ଦୁଇ ବର୍ଷ ତଳେ ଏହି ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତ ଫତେପୁର ଗ୍ରାମର ସ୍ୱର୍ଗତ ସରୋଜ ରାୟଙ୍କ କନ୍ୟା ହରପ୍ରିୟା ଲେଣ୍ଡୁରା ଭଗବାନପୁର ଗ୍ରାମର କାହ୍ନୁ ଚରଣ ସିଂଙ୍କ ପୁତ୍ର ଉମାଶଙ୍କରଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ଆଉ ଏକ ଲକ୍ଷ ଟଙ୍କା ଯୌତୁକ ପାଇଁ ଦାବି କରି ଶାଶୂଘର ଲୋକେ ହରପ୍ରିୟାଙ୍କ ଉପରେ ଅତ୍ୟାଚାର କରୁଥିଲେ। ୬ ମାସ ତଳେ ମଧ ହରପ୍ରିୟା ତାଙ୍କ ବାପଘରୁ ୫୦ ହଜାର ଟଙ୍କା ଆଣି ଶାଶୂଘରେ ଦେଇଥିଲେ। ହେଲେ ଆଉ ୫୦ ହଜାର ଟଙ୍କା ପାଇଁ ଗତ ମଙ୍ଗଳବାର ଶାଶୂଘର ଲୋକମାନେ ହରପ୍ରିୟା ସହିତ ଝଗଡ଼ା କରିବାରୁ ସେ ଏଥିରେ ପ୍ରତିବାଦ କରିଥିଲେ। ହେଲେ ଯୋଜନାବଦ୍ଧ ଭାବେ ଶାଶୂଘର ଲୋକମାନେ ହରପ୍ରିୟା ଉପରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ଦିନ ହରପ୍ରିୟାଙ୍କ ମୃତ୍ୟୁ ହେବା ପରେ ତାଙ୍କ ଭାଇ ଥାନାରେ ଅଭିଯୋଗ କରିବାରୁ ପୁଲିସ ପକ୍ଷରୁ ୮୧/୨୦୨୬ ନମ୍ବରରେ ଏକ ମାମଲା ରୁଜୁ କରାଯାଇଥିଲେ ମଧ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନ ଥିବା ଆଇଆଇସି ପ୍ରକାଶ କରିଛନ୍ତି। ଅପରପକ୍ଷରେ ହରପ୍ରିୟାଙ୍କ ମାନସିକ ଅବସ୍ଥା ଠିକ୍ ନ ଥିବାରୁ ସେ ଆତ୍ମହତ୍ୟା ପାଇଁ ଦେହରେ କିରାସିନି ଢାଳି ନିଆଁ ଲଗାଇଦେଇଥିବା ଶାଶୂ ଘର ଲୋକେ ପ୍ରକାଶ କରିଛନ୍ତି। ପୁଲିସର ତଦନ୍ତ ପରେ ମୃତ୍ୟୁର ସତ୍ୟତା ପର୍ଦ୍ଦାଫାସ ହେବ ବୋଲି ଜଣାପଡ଼ିଛି।

# ଘରଚଟିଆ ଦିବସରେ ଦୀପଦାନ

ନିଆଳି, ୨୦।୩(ସମିସ): ଓଡ଼ିଶା ବାୟା ଚଢେଇ ସୁରକ୍ଷା ଅଭିଯାନ ନିଆଳି ପକ୍ଷରୁ ବିଶ୍ୱ ଘରଚଟିଆ ଦିବସ ପାଳନ କରାଯାଇଛି। ଅଲେଖ ମହିମା ଆଶ୍ରମରେ ଅନୁଷ୍ଠିତ ଏହି ଉତ୍ସବରେ ଅଭିଯାନର ସମ୍ପାଦକ ତଥା ପ୍ରକୃତିବନ୍ଧୁ ପାବନୀ ବସ୍ତିଆ ଅଧ୍ୟକ୍ଷତା କରିଥିଲେ। ସମୂହ ଦୀପଦାନ କରାଯାଇଥିଲା। ଏଥିରେ ଅଭିଯାନର ଆବାହକ ତଥା ସ୍ତମ୍ଭକାର ପୀତାମ୍ବର ରାଉତ, ମଠର ବାବା ସାଧୁ ରବୀନ୍ଦ୍ର ଦାସ, ସମାଜସେବୀ ତ୍ରିଲୋଚନ ବେହେରା, ବିଜୟାନଳିନୀ ଲେଙ୍କା, ଡଲି ରାଉତ, ଅକ୍ରୁର ପାତ୍ର, ଅଜିତ୍ ସେନାପତି, ଶାନ୍ତନୁ ମିଶ୍ର, ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବର୍ତ୍ତମାନ ଗ୍ରୀଷ୍ମକାଳ ହେତୁ ପ୍ରତ୍ୟେକ ଲୋକ ପକ୍ଷୀଙ୍କ ପାଇଁ ପାନୀୟଜଳ ଓ ଖାଦ୍ୟ ସାମଗ୍ରୀ ନିଜ ଘର ଛାତ ଉପରେ ରଖିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଥିଲା।




# ପଡ଼ୋଶୀ ଘରେ ନିଆଁ ଲଗାଇଦେଲା ଦୁର୍ବୃତ୍ତ

କେନ୍ଦ୍ରାପଡ଼ା, ୨୦।୩(ସମିସ): ଗୋବିନ୍ଦପୁର ଥାନା ଝାରପଡ଼ା ପଞ୍ଚାୟତର ବଡ଼ୱାଉବରାଇ ଗ୍ରାମରେ ପୂର୍ବ ଶତ୍ରୁତାରୁ ଏକ ଅଭାବନୀୟ ଘଟଣା ଘଟିଛି। ଗତକାଲି ବିଳମ୍ବିତ ରାତିରେ ଗ୍ରାମର ଗଗନ ବିହାରୀ ପାତ୍ରଙ୍କ ଚାଳ ଛପର ଘରେ ଜଣେ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଏହି ଅଗ୍ନିକାଣ୍ଡରେ ଗଗନଙ୍କ ଘରଟି ସମ୍ପୂର୍ଣ୍ଣ ଭାବେ ଜଳିପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଘରେ ଥିବା ସମସ୍ତ ଆସବାବପତ୍ର, ଧାନଚାଉଳ ସମେତ ପଡ଼ୋଶୀ ଘରର ଦୁଇଟି ମୋଟର ସାଇକଲ୍ ଓ ଏକ ସାଇକଲ୍ ମଧ ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ରାଜୁ ପାତ୍ର ଓରଫ କୁନାଙ୍କ ସହ ଗଗନଙ୍କ ପରିବାରର ପୂର୍ବରୁ ଶତ୍ରୁତା ଥିଲା। ଗତକାଲି ରାତିରେ ପରିବାର ଲୋକେ ଶୋଇଥିବା ଅବସ୍ଥାରେ କୁନା ନିଆଁ ଲଗାଇ ଦେଇଥିବା ବେଳେ ପରିବାର ସଦସ୍ୟମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ନିଆଁ ଲାଗିଥିବା ଜାଣି ପରିବାର ଲୋକେ ବାହାରକୁ ଆସିବା ବେଳକୁ କୁନା ଏକ ମୋଟର ସାଇକଲ୍ ଟାଣି ନେଉଥିବା ଦେଖିଥିଲେ। ସ୍ଥାନୀୟ ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ସେତେବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇ ସାରିଥିଲା। ଏନେଇ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତ କୁନାକୁ ଅଟକ ରଖି ପଚରାଉଚରା କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।



# ତୁଳସୀପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଟାଙ୍ଗୀ, ୨୦।୩(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ତୁଳସୀପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶେଷଦେବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଇଓ ପ୍ରଭାତ ନାୟକ, ଡବ୍ଲୁଇଓ ସସ୍ମିତା ସ୍ୱାଇଁ, ଭେଙ୍କେଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ଅଧ୍ୟକ୍ଷ ପ୍ରସାଦ ରଞ୍ଜନ ପାତ୍ର, ବିଶ୍ୱନାହାକାଣୀ କଲେଜ ଅଧ୍ୟକ୍ଷ ଡ଼ ସଚ୍ଚିଦାନନ୍ଦ ପ୍ରଧାନ ଓ ସିଆରସିସି ବଂଶିଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଓ ଶିକ୍ଷାର ବିକାଶ ଉପରେ ଆଲୋକପାତ କରିଥିଲେ।



ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ମୁଖ୍ୟବକ୍ତା ଜିଲ୍ଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ସମ୍ମାନିତ ଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପରିତୋଷ ପାଣିଗ୍ରାହୀ ଓ ଅନ୍ନପୂର୍ଣ୍ଣା ଦେବୀ, ଓ ଶିକ୍ଷାର ବିକାଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଜଗତପୁର-ସାଲେପୁର-କଟିକଟା ରାସ୍ତା ହେବ ଚାରିଥାକିଆ



୨୧୩ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ସାଲେପୁର, ୨୦।୩(ସମିସ): ଜଗତପୁରଠାରୁ ସାଲେପୁର ଦେଇ ଅସୁରେଶ୍ୱର-କଟିକଟା ପର୍ଯ୍ୟନ୍ତ ପ୍ରାୟ ୩୦ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତାକୁ ଚାରିଥାକିଆ (୪-ଲେନ୍) ବିଶିଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ୨୧୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଦୃଢ଼ ଦାବି ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବାରୁ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି। କଟକ-ଚାନ୍ଦବାଲି ଏସ୍‌ଏଚ୍-୯ ଏ ର ଅନ୍ତର୍ଗତ ଏହି ରାସ୍ତାଟି ସାଲେପୁର ନିର୍ବାଚନ ମଣ୍ଡଳୀର ଖଇରା ପୋଲଠାରୁ ମାହାଙ୍ଗାର ଅସୁରେଶ୍ୱର କଟିକଟା ଛକ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ। ଏହି ରାସ୍ତା ପାରାଦୀପ, କେନ୍ଦ୍ରାପଡ଼ା, ଆଳି, ପଟ୍ଟାମୁଣ୍ଡାଇ ଏବଂ ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଥିବାରୁ ଏହାର ଗୁରୁତ୍ୱ ଯଥେଷ୍ଟ ଅଧିକ ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ସ୍ଥିର କରାଯାଇଥିବା ବେଳେ ରାସ୍ତାର ମଧ୍ୟସ୍ଥଳରେ ସବୁଜ ବଳୟ ସୃଷ୍ଟି କରାଯିବା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଏଥିସହିତ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ଯାନବାହନ ଚଳାଚଳ ସୁଗମ କରିବା ପାଇଁ ଫ୍ଲାଏ ଓଭର ବ୍ରିଜ୍ ମଧ୍ୟ ନିର୍ମାଣ କରାଯିବ। ଜିଲ୍ଲା ପ୍ରଶାସନ ଜରିଆରେ ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ପ୍ରାଥମିକ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅତ୍ୟାଧୁନିକ ରାସ୍ତା ନିର୍ମାଣ ହେଲେ କଟକ ଓ ସାଲେପୁର ମଧ୍ୟରେ ଯାତାୟାତ ସମୟ କମିବା ସହ ଅଞ୍ଚଳର ବ୍ୟବସାୟିକ ଓ ସାମାଜିକ ଅଭିବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି।

# ପ୍ରବୋଧନ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ



ନିଶ୍ଚିନ୍ତକୋଇଲି, ୨୦।୩(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫-୨୬ ଶିକ୍ଷାବର୍ଷରେ ଶ୍ରେଣୀ ଗୃହରେ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ପାଠ୍ୟପୁସ୍ତକର ପରିଚାଳନା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରବୋଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଦାନ କରାଯାଉଛି। ଏହି ଅବସରରେ ନିଶ୍ଚିନ୍ତକୋଇଲି ପିଏମ୍‌ଶ୍ରୀ ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ଗଣପତି ଭବନରେ ଗତ ୧୬ରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିର ୫ ଦିନ ଧରି ଚାଲି ଶନିବାର ଦିନ ଉଦ୍‌ଯାପିତ ହୋଇଛି। ଏହି ଶିବିରରେ ମୋଟ ୧୦୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ନୂତନ ପାଠ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ କିପରି ଶିକ୍ଷାଦାନ କରିବେ ସେ ନେଇ ବିଶେଷ ପ୍ରଶିକ୍ଷଣ ନେଇଛନ୍ତି। ପ୍ରଶିକ୍ଷକ ଭାବେ ଜଗବନ୍ଧୁ ବେହେରା, ନିମାଇଁ ଚରଣ ସାହୁ, ଝରଣା ମଲିକ, ଇତିଶ୍ରୀ ବେହେରା, ହରପ୍ରସାଦ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଧଳପଡ଼ା କ୍ଲଷ୍ଟରର ସିଆରସିସି ନରେନ୍ଦ୍ରନାଥ ସାହୁଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ସଂଯୁକ୍ତା ମହାପାତ୍ର, ସମ୍ମାନିତ ଅତିଥିଭାବେ ଭାରପ୍ରାପ୍ତ ବିଆରସିସି ସୁଶୀଲ ଚକ୍ରବର୍ତ୍ତୀ, ଭାରପ୍ରାପ୍ତ ବିଇଓ ପ୍ରଭାତ ବେହେରା, ଜାକିର ହୁସେନଙ୍କ ସମେତ ବହୁ ସିଆରସିସି ଏଥିରେ ଯୋଗଦେଇଥିଲେ। ମଣ୍ଡଳ ଶିକ୍ଷାଅଧିକାରୀଙ୍କ ଦ୍ୱାରା ପ୍ରତ୍ୟେକ ତାଲିମଧାରୀଙ୍କୁ ପ୍ରଶିକ୍ଷଣର ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ନରେନ୍ଦ୍ରନାଥ ସାହୁ ଧନ୍ୟବାଦ ଦେଇଥିଲେ।

# ସମସ୍ୟା ଘେରରେ ଅର୍ଛିଲି ବାଲିସାହି ପ୍ରାଥମିକ ବିଦ୍ୟାଳୟ

- ମୌଳିକ ସୁବିଧାରୁ ବଞ୍ଚିତ ଛାତ୍ରଛାତ୍ରୀ



କିଶନନଗର, ୨୦।୩(ସମିସ): କଟକ ସଦର ଧରିଣା ପଞ୍ଚାୟତ ଅନ୍ତର୍ଗତ ଅର୍ଛିଲି ବାଲିସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ଘୋର ଅଭାବ ଯୋଗୁଁ କୋମଳମତି ଛାତ୍ରଛାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବିଦ୍ୟାଳୟରେ ପର୍ଯ୍ୟାପ୍ତ ଡେସ୍କ ଓ ବେଞ୍ଚ ନ ଥିବାରୁ ପିଲାମାନେ ତଳେ ବସି ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ସେହିପରି ବିଦ୍ୟାଳୟର ପଛପଟେ ପାଚେରୀ ନ ଥିବାରୁ ଗୋରୁଗାଈ ଓ ବୁଲା କୁକୁରମାନେ ସହଜରେ ପରିସର ମଧ୍ୟକୁ ପଶି ଆସୁଛନ୍ତି। ଏହାଦ୍ୱାରା ବିଦ୍ୟାଳୟ ପରିବେଶ ଅପରିଷ୍କାର ହେବା ସହ ପିଲାଙ୍କ ପାଇଁ ବିପଦ ସୃଷ୍ଟି ହେଉଛି। ଖେଳପଡ଼ିଆର ଅବସ୍ଥା ମଧ୍ୟ ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଚଳିତ ବର୍ଷ ବାର୍ଷିକ କ୍ରୀଡ଼ା ଉତ୍ସବ ମଧ୍ୟ ଠିକ୍ ଭାବେ ଆୟୋଜିତ ହୋଇପାରି ନାହିଁ; ଯାହାଫଳରେ ପିଲାମାନେ କ୍ରୀଡ଼ାରୁ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାର ସମାଧାନ କରି ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ବିହୀତ ପଦକ୍ଷେପ ନେବାକୁ ବିଦ୍ୟାଳୟ ପରିଚାଳନା କମିଟି ଓ ସ୍ଥାନୀୟ ଗ୍ରାମବାସୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

# ୧୯୯୨ ବ୍ୟାଚ୍ ବିଦ୍ୟାର୍ଥୀଙ୍କ ସମାବେଶ



ମାହାଙ୍ଗା, ୨୦।୩(ସମିସ): ମାହାଙ୍ଗା ବ୍ଲକ ଭେଡା ପଞ୍ଚାୟତ ଅନ୍ତର୍ଗତ ଚୌଧୁରୀ ରାଧାନାଥ ବିଦ୍ୟାପୀଠ, ଭେଡାର ୧୯୯୨ ବ୍ୟାଚର ପୁରାତନ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁମିଳନରେ ଗୁରୁଜନମାନଙ୍କୁ ଆମନ୍ତ୍ରଣ କରି ଗୁରୁଶିଷ୍ୟ ପରମ୍ପରାକୁ ସଜୀବ ରଖିବା ସହ ସମାଜରେ ତାହାର ମୂଲ୍ୟବୋଧ ଅବିକଳ ରହୁ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ। ଭୀମସେନ ବେଉରା, ନରେନ୍ଦ୍ରନାଥ ମହାନ୍ତି ଓ ଅରୁଣ ରାଉତ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଜ୍ଞାନରଞ୍ଜନ ଷଡ଼ଙ୍ଗୀ, ଚନ୍ଦନ ଦାସ, ସୌମ୍ୟରଞ୍ଜନ ବିଶ୍ୱାଳ, ଗୌତମ ରାଉତ, ବିଜୟ ଦାସ, ଅଜୟ ପତି, ସବିତା ମିଶ୍ର, କନକଲତା ବେହେରା, ଉତ୍ତମା ସ୍ୱାଇଁ ସହ ଅନେକ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଗୁରୁଜୀ ଅରୁଣ କୁମାର ରାଉତ ବିଦ୍ୟାଳୟର ପରିବେଶ, ଶୃଙ୍ଖଳା ଓ ଗୁରୁଶିଷ୍ୟ ପରମ୍ପରାକୁ ନେଇ ଏକ ସୁନ୍ଦର କବିତା ଆବୃତ୍ତି କରିଥିଲେ, ଯାହା ସମଗ୍ର ବନ୍ଧୁମିଳନ ଉତ୍ସବରେ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା।

# ନିଶ୍ଚିନ୍ତକୋଇଲିରେ ହିନ୍ଦୁ ନବବର୍ଷ

ନିଶ୍ଚିନ୍ତକୋଇଲି, ୨୦।୩(ସମିସ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ନିଶ୍ଚିନ୍ତକୋଇଲିରେ ମଣ୍ଡଳ ଆନୁକୂଲ୍ୟରେ ବଡକ୍ଷୀର ପଞ୍ଚାୟତସ୍ଥିତ ବହୁ ପୁରାତନ ଶ୍ରୀ ଶ୍ରୀ ମଦନମୋହନ ମନ୍ଦିର ପରିସରରେ ଶୁକ୍ଳ ପ୍ରତିପଦା ତିଥି ଅବସରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଛି। ପରିଷଦର ସମ୍ପାଦକ ପ୍ରମୋଦ ଦାଶଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ସମାଜସେବୀ ଦେବବ୍ରତ ପଣ୍ଡା, ବୟୋଜ୍ୟେଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅଧ୍ୟାପକ ପ୍ରଶାନ୍ତ ପଣ୍ଡା, ସାମ୍ବାଦିକ ବିଜୟ କୁଅଁର, ଅଞ୍ଜନା ଶତପଥୀ ସନାତନ ଧର୍ମର ସଂସ୍କୃତି, ଐତିହ୍ୟ, ପରମ୍ପରାର ସୁରକ୍ଷା ନିମନ୍ତେ ସମ୍ପ୍ରତି ଯୁବ ପିଢିକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ମନ୍ଦିର ପରିସରରେ କଳସ ସ୍ଥାପନ କରାଯାଇ ପୂଜନ ହେବା ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇ ବେଦପାଠ, ସମବେତ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀପ୍ରିୟା ବସ୍ତିଆ, ସବିତା ପଣ୍ଡା, କେତକୀ ବେହେରା, ଝରଣା ବେହେରା, ଜୟନ୍ତୀ ଭୂୟାଁ, ହୀରାଦେବୀ ଦାସ, ଅନ୍ନପୂର୍ଣ୍ଣା ପଣ୍ଡାଙ୍କ ସମେତ ବହୁ ମହିଳା ଏଥିରେ ଯୋଗ ଦେଇଥିଲେ।



# କେନ୍ଦ୍ରାପଡ଼ା-ବାରଙ୍ଗ ସୀମାରେ ମାଟି ମାଫିଆଙ୍କ ରାଜ୍

କେନ୍ଦ୍ରାପଡ଼ା, ୨୦।୩(ସମିସ)

- ରାତି ପାହିଲେ ଖାଲି ହେଉଛି ସରକାରୀ ଜମି
- ନିଦାବିଷ୍ଟୁ ସାଜିଛନ୍ତି ପୁଲିସ ଓ ପ୍ରଶାସନ

କେନ୍ଦ୍ରାପଡ଼ା ତହସିଲ ଏବଂ ଏହାକୁ ଲାଗି ରହିଥିବା ବାରଙ୍ଗ ତହସିଲ ଅଞ୍ଚଳରେ ଏବେ ମାଟି ମାଫିଆଙ୍କ ପ୍ରାଦୁର୍ଭାବ ଚରମ ସୀମାରେ ପହଞ୍ଚିଛି। ସରକାରୀ ଓ ବ୍ୟକ୍ତିଗତ ମାଲିକାନାରେ ଥିବା ଜମିରୁ ରାତି ୯ଟାରୁ ଭୋର ୫ଟା ପର୍ଯ୍ୟନ୍ତ ବେଆଇନ ଭାବେ ମାଟି ଖୋଳାଯାଇ ହାଇୱା ସାହାଯ୍ୟରେ ଚୋରା ଚାଲାଣ କରାଯାଉଛି। ଏହି ମାଫିଆମାନେ ଅତି ଚତୁରତାର ସହ ବାରଙ୍ଗ ଅଞ୍ଚଳରୁ ମାଟି ଆଣି କେନ୍ଦ୍ରାପଡ଼ାରେ ଏବଂ କେନ୍ଦ୍ରାପଡ଼ାରୁ ମାଟି ନେଇ ବାରଙ୍ଗ ଓ ବାଲିଅନ୍ତା ତହସିଲ ଅଞ୍ଚଳରେ ବିକ୍ରି କରି ମାଲାମାଲ୍ ହେବାରେ ଲାଗିଛନ୍ତି। ଫୁଲନଖରା-ନିଆଳି ରାଜ୍ୟ ରାଜପଥରେ ରାତି ସାରା ଶହ ଶହ ମାଟି ବୋଝେଇ ହାଇୱା ନିର୍ବିଘ୍ନରେ ଚଳାଚଳ କରୁଛି। ଏହି ରାସ୍ତାରେ ନିୟମିତ ପାଟ୍ରୋଲିଂ କରୁଥିବା ଓଲଟପୁର ଥାନା ପୁଲିସ୍ ଏମାନଙ୍କୁ ଧରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପୁଲିସର ଏଭଳି କାର୍ଯ୍ୟଧାରା ଏବେ ସାଧାରଣରେ ସନ୍ଦେହ ସୃଷ୍ଟି କରିଥିବା ବେଳେ, ମାଫିଆ ଓ ପ୍ରଶାସନ ମଧ୍ୟରେ କିଛି ମଧୁଚନ୍ଦ୍ରିକା ରହିଥିବା ନେଇ ଚର୍ଚ୍ଚା ଜୋର ଧରିଛି। ମାଫିଆମାନେ ଏପରି ଭାବେ ମାଟି ତାଡ଼ିଲେଣି ଯେ, ଅନେକ ସ୍ଥାନରେ କୃଷି ଓ ଜଙ୍ଗଲ ଜମି ଏବେ ବଡ଼ ବଡ଼ ପୋଖରୀରେ ପରିଣତ ହେଲାଣି। ସ୍ଥାନୀୟ ରାଜସ୍ୱ ବିଭାଗ ସବୁ ଜାଣିଶୁଣି ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ବିଭାଗର ଏହି ନିରବତା ପଛର କାରଣ ସ୍ପଷ୍ଟ ଥିଲେ ମଧ ଜିଲ୍ଲା ପ୍ରଶାସନ ପାଖରେ ଏହି ଖବର କେମିତି ନାହିଁ, ତାହା ବୁଦ୍ଧିଜୀବୀଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ମଧ ମାଟି ଚୋରିକୁ ନେଇ ଏହି ୩ଟି ତହସିଲ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ଯଦି ପ୍ରଶାସନ ଏବେଠାରୁ ସତର୍କ ନ ହୁଏ, ତେବେ ଚଳିତ ବର୍ଷ ପୁଣି ସେଭଳି ଅପ୍ରୀତିକର ପରିସ୍ଥିତି ଘଟିବାର ଆଶଙ୍କା ରହିଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବେଆଇନ ମାଟି ଖନନକୁ ରୋକିବା ସହ ଦାୟୀ ମାଫିଆ ଓ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



## ବ୍ରହ୍ମଚାରିଣୀ ବେଶରେ ମା' ବୁଢ଼ୀ ମଙ୍ଗଳା

**ତିଗିରିଆ,୨୦।୩(ସମିସ):** ତିଗିରିଆ ବ୍ଲକ ଅଧୀନ ବିନ୍ଧାଣିମା ପଞ୍ଚାୟତର ଆରାଧ୍ୟ ଠାକୁରାଣୀ ମା' ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଚାଲିଥିବା ବାସନ୍ତୀକ ଦୁର୍ଗାପୂଜାର ଆଜିର ଦ୍ୱିତୀୟ ଦିବସରେ ମା' ଆଜି ଭକ୍ତଙ୍କୁ ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଇଛନ୍ତି। ଏହି ଅବସରରେ ମା'ଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମଙ୍ଗଳ ଆଳତୀ, କଳସ ପୂଜା, ଅଗ୍ନି ସ୍ଥାପନ, ଚଣ୍ଡୀ ପାଠ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଆଳତୀ ଆଦି ନୀତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସନ୍ଧ୍ୟାରେ ମା'ଙ୍କ ପୀଠରେ ଭଜନ, କୀର୍ତ୍ତନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

### ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ

## ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା



**କଟକ,୨୦।୩(ସମିସ):** ପ୍ରଶାସନିକ କାର୍ଯ୍ୟଧାରାକୁ ଅଧିକ ସରଳ, ପାରଦର୍ଶୀ ଓ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହରେ "ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ' ଶୀର୍ଷକ ଏକ ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ଓକାକ୍ ସୌଜନ୍ୟରୁ ଓକେସିଏଲ୍ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ତାଲିମଦାତା ଭାବେ ଆକାଶ ବେହେରା ଓ ଦେବାଶିଷ ରେଡ୍ଡୀ ଯୋଗ ଦେଇଥିଲେ। କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତ, କମଳଜିତ୍ ଦାସ, ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଏବଂ ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର କିଶୋର କୁମାର ଆଚାରୀ ଏହି କାର୍ଯ୍ୟକ୍ରମରେ ବୈଷୟିକ ସହାୟତା ପ୍ରଦାନ କରିଥିଲେ।

## ଯୁବକଙ୍କ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ



**କଟକ,୨୦।୩(ସମିସ):** କଟକ ମହାନଗର ନିଗମ ୫୬ନଂ ୱାର୍ଡ ଅନ୍ତର୍ଗତ କୁଆଖାଇ ନଦୀକୂଳରେ ଥିବା କାଜିପାଟଣା (ଶୁଭଦ୍ରାପୁର) ସ୍ୱାସ୍ଥ୍ୟ କେନ୍ଦ୍ର ପରିସରକୁ ସ୍ଥାନୀୟ କିଛି ଯୁବକ ନିଜ ଖର୍ଚ୍ଚରେ ଜେସିବି ମେସିନ ସାହାଯ୍ୟରେ ସଫା କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରଟି ଦୀର୍ଘ ବର୍ଷ ଧରି ସଫା ସୁତୁରା ନ ହେବାରୁ ବିଭିନ୍ନ ଆଡେ ଗଛ ଲତା ସବୁମାଡି ଜଙ୍ଗଲ ସୃଷ୍ଟି ହୋଇଯାଇଥିଲା ସେଥିରେ ଅନେକ ରକମର ବିଷଧର ସରୀସୃପ ବାସ କରୁଥିଲେ। ଏହା ସହିତ ପରିସର ମଧ୍ୟରେ ଥିବା ପାଣି କଳଟି ମଧ୍ୟ ଅଚଳ ହୋଇପଡିଥିଲା ତାହାକୁ ଏହି ଯୁବକମାନେ ସିଏମସିରେ ଅଭିଯୋଗକରି ତାକୁ ମରାମତି କରାଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ମିଟୁ ସାମଲ, ସତ୍ୟରଞ୍ଜନ ଦାସ, ଆଲୋକ ଜେନା, ସୁଧୀର ସାମଲ, ନୃସିଂହ ସାମଲ, ଶଙ୍କର ଘୋଷ, ବଚନ ସାମଲ, ତାରାକାନ୍ତ ସାମଲ, ପିଣ୍ଟୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ପଶୁ ଡାକ୍ତରଖାନାରେ ଝୁଲୁଛି ତାଲା

**ନରସିଂହପୁର,୨୦।୩(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିସାହି ପଞ୍ଚାୟତର ପ୍ରାଣୀ ଚିକିତ୍ସାଳୟରେ ଦୀର୍ଘ ଦିନ ଧରି ତାଲା ଝୁଲୁଛି। ଯାହା ଫଳରେ ପଶୁ ଚିକିତ୍ସା କେନ୍ଦ୍ରକୁ ଲୋକମାନେ ଗାଈ, ଛେଳି ମେଣ୍ଢାକୁ ଚିକିତ୍ସା ପାଇଁ ଆଣି ଘରକୁ ଫେରାଇ ନେଉଛନ୍ତି। ଡାକ୍ତରଖାନାରେ କ୍ୱାଟର ଥାଇ ମଧ୍ୟ କୌଣସି ଷ୍ଟକ ମ୍ୟାନ ଏବଂ ପିଅନ୍ ରହୁ ନାହାଁନ୍ତି। ଅଞ୍ଚଳର ପଶୁ ସମ୍ପଦ ଚିକିତ୍ସା ପାଇବାରେ ସମସ୍ୟା ଭୋଗୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ନେଇ ଆଶୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସାଧାରଣ ଲୋକ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ଦୁର୍ନୀତିର ଗନ୍ତାଘର ପାଲଟିଛି ୫୬ ନମ୍ବର ୱାର୍ଡ

# ଅଯୋଗ୍ୟଙ୍କୁ 'ଆବାସ', ଗରିବଙ୍କୁ ମନା !

**କଟକ,୨୦।୩(ସମିସ):** କଟକ ମହାନଗର ନିଗମ (ସିଏମସି) ଅଧୀନରେ ଥିବା ୫୬ ନମ୍ବର ୱାର୍ଡ ଏବେ ଦୁର୍ନୀତିର ଏକ ନୂଆ କେନ୍ଦ୍ରବିନ୍ଦୁ ପାଲଟିଛି। କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣକାରୀ ଯୋଜନା "ପ୍ରଧାନମନ୍ତ୍ରୀ ଆବାସ ଯୋଜନା'ର ନିୟମକୁ ଏଠାରେ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ଯେଉଁଠାରେ ପ୍ରକୃତ ଗରିବ ଓ କଚାଘର ଥିବା ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବାର ନିୟମ ରହିଛି, ସେଠାରେ ଅସମ୍ଭବ କାମକୁ ମଧ୍ୟ ସମ୍ଭବ କରାଯାଇ ପାରୁଛି। ମୋଟା ଅଙ୍କର ଲାଞ୍ଚ କାରବାର ଯୋଗୁଁ ଅଯୋଗ୍ୟ ବ୍ୟକ୍ତିମାନେ ଏହି ଯୋଜନାର ସୁଫଳ ନେଉଥିବା ବେଳେ ପ୍ରକୃତ ଅସହାୟ ଶ୍ରେଣୀ ଏଥିରୁ ବଞ୍ଚିତ ହେଉଥିବା ଚିତ୍ର ଏବେ ସାମ୍ନାକୁ ଆସିଛି।

ଘଟଣାରୁ ପ୍ରକାଶ ଯେ ୫୬ ନମ୍ବର ୱାର୍ଡର କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କର ପୂର୍ବରୁ ପୁରୁଣା କୋଠାଘର ଥିଲେ ମଧ୍ୟ ସେହି ଘରକୁ ସମ୍ପ୍ରସାରଣ କରିବା ପାଇଁ ସେମାନେ ଆବାସ ଯୋଜନାରୁ ଅର୍ଥ ହଡ଼ପ କରିବାରେ

**ଲାଞ୍ଚ ଦେଲେ ସମ୍ଭବ ହେଉଛି ଅସମ୍ଭବ!**

**କୋଠାଘର ଥାଇ ବି ମିଳୁଛି ସରକାରୀ ସହାୟତା**

**ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ତଦନ୍ତ ଦାବି**

ସଫଳ ହୋଇଛନ୍ତି। କିଛି ବ୍ୟକ୍ତି ରାଜନଗର ପାଟଣା ସମ୍ମୁଖ କାଠଯୋଡ଼ି ନଦୀ କୂଳରେ ଲକ୍ଷାଧିକ ଟଙ୍କା ବିନିମୟରେ ଜାଗା କିଣିଛନ୍ତି ଏବଂ ସେହି ଜାଗାରେ ଘର କରିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ସରକାରୀ ସହାୟତା ପାଇ କାମ ମଧ୍ୟ ଶେଷ କରିଛନ୍ତି। ପ୍ରଶ୍ନ ଉଠୁଛି, ଯେଉଁ ବ୍ୟକ୍ତି ଲକ୍ଷ ଲକ୍ଷ ଟଙ୍କା ଦେଇ ଜାଗା କିଣିବାର ସାମର୍ଥ୍ୟ ରଖୁଛନ୍ତି, ସେମାନେ ଏହି ଗରିବ କଲ୍ୟାଣ ଯୋଜନାର ପରିସରଭୁକ୍ତ ହେଲେ କିପରି?

ୱାର୍ଡର ଅନ୍ୟ ଏକ ଦୟନୀୟ ଚିତ୍ର ହେଉଛି, ଏଠାରେ ଅନେକ ଗରିବ ପରିବାର ପ୍ରାୟ ଶହେ ବର୍ଷରୁ ଅଧିକ ପୁରୁଣା ଓ ବିପଦସଙ୍କୁଳ ଘରେ ଜୀବନ କାଟୁଛନ୍ତି। ସମୟକ୍ରମେ ପରିବାର ସଦସ୍ୟଙ୍କ ସଂଖ୍ୟା ବଢ଼ିଥିଲେ ମଧ୍ୟ ରୋଜଗାର କମି ଯାଇଥିବାରୁ ସେମାନେ ନୂତନ ଘରଟିଏ କରିବାକୁ ଅକ୍ଷମ। ଯେତେବେଳେ ଏହି ପ୍ରକୃତ ଗରିବ ଲୋକମାନେ ଆବାସ ଯୋଜନା ପାଇଁ ଆବେଦନ କରୁଛନ୍ତି, ସେମାନଙ୍କୁ "ପୂର୍ବରୁ କୋଠାଘର ଅଛି' ବୋଲି କହି ସଫା ସଫା ମନା କରି ଦିଆଯାଉଛି। ମାତ୍ର ଅନ୍ୟପଟେ ଲାଞ୍ଚ ଦେଇ ପାରୁଥିବା ଧନୀ ଓ ପ୍ରଭାବଶାଳୀ ଲୋକଙ୍କ ପାଇଁ ସବୁ ନିୟମ କୋହଳ କରି ଦିଆଯାଉଛି। ଏହି ୱାର୍ଡରେ ଚାଲିଥିବା ଏଭଳି ଦୁର୍ନୀତି ବିରୋଧରେ କେହି ଶୁଣିବାକୁ ନାହାଁନ୍ତି କହିବାକୁ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ୫୬ ନମ୍ବର ୱାର୍ଡରେ ଚାଲିଥିବା ଏହି ବ୍ୟାପକ ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକୃତ ଦୋଷୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



## ଟ୍ରାନ୍ସଫର୍ମରରୁ ତେଲ ଚୋରି; ଅନ୍ଧାରରେ ଗ୍ରାମବାସୀ

**ତିଗିରିଆ,୨୦।୩(ସମିସ):** ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ୫୦୦ କିଲୋୱାଟ୍ ବିଶିଷ୍ଟ ବିଦ୍ୟୁତ ଟ୍ରାନ୍ସଫର୍ମରରୁ ତେଲ ଚୋରି ହେବା ଫଳରେ ତାହା ପୋଡ଼ି ଯାଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଉକ୍ତ ଟ୍ରାନ୍ସଫର୍ମରଟି ପ୍ରଚଣ୍ଡ ଶବ୍ଦ କରି ଜଳି ଯାଇଥିବାରୁ ବିନ୍ଧାଣିମା ଗ୍ରାମର ଏକ ବଡ଼ ଅଞ୍ଚଳ ଏବେ ଅନ୍ଧାରରେ ରହିଛି। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଶିବାନୀ ଶଙ୍କର ବସ୍ତିଆ ନିଜର ବୈଷୟିକ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଥିଲେ। ତଦନ୍ତ ସମୟରେ କୌଣସି ଦୁର୍ବୃତ୍ତ ଟ୍ରାନ୍ସଫର୍ମରରୁ ତେଲ ଚୋରି କରି ନେଇଥିବା ଜଣାପଡ଼ିଥିଲା। ଟ୍ରାନ୍ସଫର୍ମରରେ ତେଲର ମାତ୍ରା କମିଯିବାରୁ ସର୍ଟସର୍କିଟ୍ ହୋଇ ଏଭଳି ସ୍ଥିତି ଉପୁଜିଥିବା ଯନ୍ତ୍ରୀ ସୂଚନା ଦେଇଛନ୍ତି। ବିଭାଗ ପକ୍ଷରୁ ଏ ସମ୍ପର୍କରେ ତିଗିରିଆ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବିଦ୍ୟୁତ ସେବା ସ୍ୱାଭାବିକ କରିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।



### ହାଇକୋର୍ଟ ବାର୍ ଆସୋସିଏସନ୍ ନିର୍ବାଚନ

## ଭବିଷ୍ୟତ କାର୍ଯ୍ୟପନ୍ଥା ଓ ଆଭିମୁଖ୍ୟ ରଖିଲେ ପ୍ରାର୍ଥୀ

**କଟକ,୨୦।୩(ସମିସ):** ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ନିର୍ବାଚନ ଆସନ୍ତା ମାର୍ଚ୍ଚ ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଶୁକ୍ରବାର ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ପକ୍ଷରୁ ନିଜ ନିଜର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପସ୍ଥାପନ ପାଇଁ ଏକ ସ୍ୱତନ୍ତ୍ର ସଭା ଆୟୋଜିତ ହୋଇଯାଇଛି। ବାର୍ ଆସୋସିଏସନ୍ ଇତିହାସରେ ପ୍ରଥମ ଥର ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଦ ପଦ ପାଇଁ ଲଢୁଥିବା ପ୍ରାର୍ଥୀମାନେ ନିଜର ସୁଚିନ୍ତିତ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ନିର୍ବାଚନ ଅଧିକାରୀ ସରୋଜ କୁମାର ଦାସ ପରିଚାଳନା କରିଥିଲେ। ଏଥିରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ଦୀନେଶ ରାୟ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ସଭାରେ ସଭାପତି, ଉପସଭାପତି ଓ ସମ୍ପାଦକ ପଦ ପାଇଁ ଅବତୀର୍ଣ୍ଣ ପ୍ରାର୍ଥୀମାନେ ଆଇନଜୀବୀ ସମାଜର ସ୍ୱାଭିମାନ ରକ୍ଷା, ଅଧିବକ୍ତା ସୁରକ୍ଷା ଆଇନ ପ୍ରଣୟନ ଏବଂ ଆଇନଜୀବୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଆଇନଜୀବୀ ସମାଜର ହିତ ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନ କରିବା ସହ ବୃତ୍ତିଗତ ସମ୍ମାନ ବଜାୟ ରଖିବାକୁ ସେମାନେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ।

## ଏସସିବି ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



**କଟକ,୨୦।୩(ସମିସ):** କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ନନ୍-ଟ୍ରମା ଆଇସିୟୁରେ ଗତ ୧୫ ତାରିଖରେ ଘଟିଥିବା ଅଭାବନୀୟ ଅଗ୍ନିକାଣ୍ଡ ଘଟଣାରେ ସାମାଜିକ ସଂଗଠନ "ଭଏସ ଅଫ୍ କଟକ' ପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇଛି। ଏହି ଘଟଣାରେ ମେଡିକାଲର କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧୀକ୍ଷକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତକଙ୍କ ପରିବାରକୁ ଅଧିକ ସହାୟତା ପ୍ରଦାନ ଦାବିରେ ଆଜି ସଂଗଠନ ପକ୍ଷରୁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଧୀକ୍ଷକଙ୍କ ଖାମଖିଆଲି ମନୋଭାବ ଓ ପ୍ରଶାସନିକ ଅବହେଳା ଯୋଗୁଁ ୧୩ ଜଣ ନିରୀହ ରୋଗୀ ପ୍ରାଣ ହରାଇଛନ୍ତି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ସରକାର ମୃତକଙ୍କ ପରିବାର ପାଇଁ ଘୋଷଣା କରିଥିବା ୨୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଯଥେଷ୍ଟ ନୁହେଁ, ତେଣୁ ଏହାକୁ ଅନ୍ୟୂନ ୫୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ସିଦ୍ଧାର୍ଥ ମହାନ୍ତି, ସମ୍ପାଦକ ସୌମ୍ୟଦୀପ ଘୋଷ, ବରିଷ୍ଠ ସଦସ୍ୟ ପବିତ୍ର ଭୂୟାଁ, ପ୍ରିୟମ୍ବଦା ନାୟକ, ଅନ୍ନଦା ଦାସ, ତୋଫାନୀ ଦାସ, ଏନ. ଫଗୁଆ, ସନାୱାର ଖାଁ ଏବଂ ଅମରେଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଦୋଷୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ବନ୍ଧକ ସୁନା ଫେରସ୍ତରେ ବ୍ୟାଙ୍କର ଟାଳଟୁଳ ନୀତି

**ତିଗିରିଆ,୨୦।୩(ସମିସ):** ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ଜଣେ ବ୍ୟକ୍ତି ନୂଆପାଟଣାସ୍ଥିତ ଆଇଆଇଏଫ୍ଏଲ୍ ନାମକ ଏକ ଘରୋଇ ସୁନା ବନ୍ଧକ ରଖୁଥିବା ବ୍ୟାଙ୍କରୁ ନିଜର ସୁନା ମୁକୁଳାଇବା ପାଇଁ ଯାଇ ନିରାଶ ହୋଇ ଫେରିବା ସହ ବ୍ୟାଙ୍କର କାର୍ଯ୍ୟଶୈଳୀକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ବ୍ୟକ୍ତି ଜଣକ ନିଜର ଆର୍ଥିକ ସମସ୍ୟା କାରଣରୁ ପ୍ରାୟ ୬ ମାସ ପୂର୍ବରୁ ସୁନା ବନ୍ଧକ ରଖି ଋଣ ନେଇଥିଲେ। ଚଳିତ ମାସରେ ଘରେ ବିବାହ କାର୍ଯ୍ୟଥିବାରୁ ସୁନା ଆବଶ୍ୟକ ପଡ଼ିବାରୁ ସେ ବନ୍ଧକ ସୁନା ମୁକୁଳାଇବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ପ୍ରଥମେ ବ୍ୟାଙ୍କ ପକ୍ଷରୁ ତାଙ୍କୁ ଶୁକ୍ରବାର ସୁନା ପ୍ରଦାନ କରାଯିବ ବୋଲି ସମୟ ଦିଆଯାଇଥିଲା। ମାତ୍ର ଆଜି ସେ ବ୍ୟାଙ୍କକୁ ଯିବା ପରେ ମାର୍ଚ୍ଚ ମାସ ଶେଷ ଚାଲିଥିବା ଦର୍ଶାଇ ବ୍ୟାଙ୍କ କର୍ତ୍ତୃପକ୍ଷ ଆସନ୍ତା ମାସରେ ସୁନା ଫେରସ୍ତ କରାଯିବ ବୋଲି କହିଥିଲେ। ବିବାହ ଭଳି ଜରୁରୀ କାର୍ଯ୍ୟ ପାଇଁ ସୁନା ଅତ୍ୟନ୍ତ ଆବଶ୍ୟକ ଥିବା ସମୟରେ ବ୍ୟାଙ୍କର ଏଭଳି ଟାଳଟୁଳ ନୀତି ଯୋଗୁଁ ଗ୍ରାହକ ଜଣକ ମାନସିକ ଦୁଶ୍ଚିନ୍ତାରେ ପଡ଼ିଛନ୍ତି। ବ୍ୟାଙ୍କ ପକ୍ଷରୁ ଯଥାଶୀଘ୍ର ତାଙ୍କର ବନ୍ଧକ ସୁନା ଫେରସ୍ତ କରିବା ପାଇଁ ସେ ଦାବି କରିଛନ୍ତି।

## ଅଗ୍ନିକାଣ୍ଡରେ ଛଅ ବଖରା ଭସ୍ମୀଭୂତ



**ଟାଙ୍ଗୀ,୨୦।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କିଆଝର ଗ୍ରାମର ସନାତନ ବାନରା ଏବଂ ତିନି ପୁଅଙ୍କ ଛଅ ବଖରା ଘର ଅଗ୍ନିକାଣ୍ଡରେ ଭସ୍ମୀଭୂତ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ସନାତନଙ୍କ ପୁଅମାନେ କାମକୁ ଯାଇଥିଲେ। ମଧ୍ୟାହ୍ନ ସମୟରେ ବୋହୂ ରୋଷେଇ କରୁଥିବା ସମୟରେ ପବନରେ ନିଆଁ ଉଡ଼ି ଘରେ ଲାଗିଯାଇଥିଲା। ଦମକଳ ଆସିବା ପୂର୍ବରୁ ସମସ୍ତ ଘର ଜଳିଯାଇଥିଲା। ଘରେ ଥିବା ଧାନ, ଚାଉଳ, କଂସାବାସନ, ଲୁଗାପଟା, ଟଙ୍କା, ଦରକାରୀ କାଗଜପତ୍ର ସମସ୍ତ ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ସ୍ଥାନୀୟ ସରପଞ୍ଚ ଓ ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ ପହଞ୍ଚି ସହାୟତା ଯୋଗାଇବା ସହ ସରକାରୀ ସହାୟତା ଯୋଗାଇଦେବାକୁ ତହସିଲଦାରଙ୍କୁ ନିବେଦନ କରିଥିଲେ। ପୀଡ଼ିତ ସମସ୍ତ ପରିବାର ରାତିରେ ଖୋଲା ଆକାଶ ତଳେ ଜୀବନ କାଟୁଥିବା ଦେଖିବାକୁ ମିଳିଛି।

# ବିଭିନ୍ନ ସ୍ଥାନରେ ପଖାଳ ଦିବସ ପାଳିତ







### ସାଲେପୁର କଂଗ୍ରେସ କମିଟି

**ସାଲେପୁର,୨୦।୩(ସମିସ):** ଆଜି ସାଲେପୁରର ଭାତପଡ଼ାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। କଂଗ୍ରେସ ନେତା ହରିବନ୍ଧୁ ଶତପଥୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ସାଲେପୁର ନିର୍ବାଚନ ମଣ୍ଡଳୀର ଟାଙ୍ଗୀ ଓ ସାଲେପୁର ବ୍ଲକ୍‌ର ଶତାଧିକ କଂଗ୍ରେସ କର୍ମୀ ଓ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ପଖାଳ ଦିବସର ମହତ୍ୱ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ୧ହଜାରରୁ ଉର୍ଦ୍ଧ୍ୱ ଲୋକମାନଙ୍କ ପାଇଁ ଶ୍ରୀ ଶତପଥୀଙ୍କ ପକ୍ଷରୁ ପଖାଳ ଖାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରବିନ୍ଦ୍ରନାଥ କର, କଂଗ୍ରେସ ନେତା ବିଜ୍ଞାନ ଭୂୟାଁ, ସିତୁ କର, ଜ୍ୟୋତିରଞ୍ଜନ କର, କ୍ଷୀରୋଦଚନ୍ଦ୍ର ବାରିକ, ଜାଭେଦ ଅଖତର, ବୈକୁଣ୍ଠନାଥ ସ୍ୱାଇଁ, ସୁରେନ୍ଦ୍ରନାଥ ଦଳାଇ, ଧନେଶ୍ୱର ସାମଲ, ଅକ୍ଷୟ ମହାନ୍ତି, ଗୁରୁପ୍ରସନ୍ନ ଦାସଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ସାଧାରଣ ବ୍ୟକ୍ତି ସାମୂହିକ ପଖାଳ ସେବନ କରିଥିଲେ।

### ନିଶ୍ଚିନ୍ତକୋଇଲି

**ନିଶ୍ଚିନ୍ତକୋଇଲି:** ବଡକ୍ଷୀର ପଞ୍ଚାୟତ ଗୋପପୁର ପଣସପଡିଆଠାରେ ଥିବା ପଣ୍ଡା ଭବନରେ ବିଶ୍ୱପଖାଳ ଦିବସ ପାଳିତ ହୋଇଛି। ପରିବେଶବିତ୍ ପ୍ରମୋଦ କୁମାର ଦାଶଙ୍କ ସଂଯୋଜନାରେ ଏଥିରେ ଅଧ୍ୟାପକ ପ୍ରଶାନ୍ତ ପଣ୍ଡା, ଶିକ୍ଷାବିତ୍ ଡ. ପ୍ରସନ୍ନ ଦାସ, ସମାଜସେବୀ ଦେବଦତ୍ତ ପଣ୍ଡା, ସାମ୍ବାଦିକ ପ୍ରଫୁଲ୍ଲ ମହାପାତ୍ର, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ ସାହୁ, ବିକ୍ରମ କେଶରୀ ନାଥ, ଜ୍ଞାନେନ୍ଦ୍ର ରାଉତ, ପ୍ରଶାନ୍ତ ନାୟକ, ସବିତା ଶତପଥି, ଦେବେନ୍ଦ୍ର ଷଡଙ୍ଗୀ, ଶାରଦା ପ୍ରସନ୍ନ ପଣ୍ଡା, ସୁଶୀଲ ପଣ୍ଡା, ପ୍ରଦୀପ୍ତ ପଣ୍ଡା, ପଞ୍ଚାନନ ପଣ୍ଡା, ଉର୍ମିଳା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ପ୍ରଫୁଲ୍ଲ ଦାଶ ଧନ୍ୟବାଦ ଦେଇଥିଲେ।

### ସାମ୍ବାଦିକ ସଂଘ

**ଆଠଗଡ଼:** ଆଠଗଡ ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ସଂଘର ସଭାପତି ସର୍ବେଶ୍ୱର ପଣ୍ଡାଙ୍କ ସଂଯୋଜନାରେ ପଖାଳ ଦିବସର ମହତ୍ତ୍ୱ ଓ ବିଶେଷତ୍ୱ ଉପରେ ଚର୍ଚ୍ଚା ହୋଇଥିଲା। ସମ୍ପାଦକ ନୀଳକଣ୍ଠ ଦୋରା, ବରିଷ୍ଠ ସାମ୍ବାଦିକ ସନାତନ ରାୟ, ସତ୍ୟପ୍ରସାଦ ରଥ, ସୁଧୀରଞ୍ଜନ ଦାଶ, ଯଶୋବନ୍ତ ବାରିକ, ବିଶ୍ୱଜିତ ରାଉତ, ମନୋରଞ୍ଜନ ମହାନ୍ତି, ପ୍ରକାଶ ସାହୁ, ସନ୍ତୋଷ ବାରିକ, ବ୍ରହ୍ମାନନ୍ଦ ଲେଙ୍କା, ଉପେନ୍ଦ୍ର ବାରିକ, ନୃସିଂହ ରାଉତ ପ୍ରମୁଖ ମତ ବ୍ୟକ୍ତ କରିଥିଲେ। ୨୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଦହି ପଖାଳ ସହିତ ଅନ୍ୟାନ୍ୟ ବହୁ ପ୍ରକାରର ବ୍ୟଞ୍ଜନ ଖାଇଥିଲେ। ଅବିନାଶ ଦାସ, ମିଲୁ ମିଶ୍ର ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଆଠଗଡ ସାମ୍ବାଦିକ ସଂଘ ସଭାପତି ଅର୍ଦ୍ଧେନ୍ଦୁ ମହାନ୍ତି ଅଧ୍ୟକ୍ଷତାରେ ଆଠଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଏହି ପଖାଳ ଦିବସ ପାଳିତ ହୋଇଯାଇଛି। ସଂଘର ସମସ୍ତ ସାମ୍ବାଦିକ ଉପସ୍ଥିତି ରହି ଆଜିର ପଖାଳ ଦିବସର ତାପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ସଂଘର ସମ୍ପାଦକ ବିଭୁତିଭୂଷଣ ଖଟୁଆ ସଂଯୋଜନାରେ ବରିଷ୍ଠ ସାମ୍ବାଦିକ ସନାତନ ରାୟ, ଉପସଭାପତି ବିଷ୍ଣୁ ପ୍ରସାଦ ଦାସ, ବ୍ରହ୍ମାନନ୍ଦ ଲେଙ୍କା, ଅଶୋକ ପ୍ରଧାନ, ମନୋରଞ୍ଜନ ମହାପାତ୍ର, ମହେଶ ଦାସ, ସଞ୍ଜୟ ମହାନ୍ତି, ଅରୁଣ ନାୟକଙ୍କ ସମେତ ସମସ୍ତ ସାମ୍ବାଦିକମାନେ ଏକତ୍ରିତ ହୋଇ ପଖାଳ ଖାଇଥିଲେ। ଯୁବ ସାମ୍ବାଦିକ ବିରୁପାକ୍ଷ ପ୍ରଧାନ ଧନ୍ୟବାଦ ଦେଇଥିଲେ।

